# Akashvani, Sambalpur

# SAMBALPURI NEWS BULLETIN

## 20 October 2025 – 6.47- 6.52 am.

******************************************

ଦିଆଲି ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆଏଜ୍ ହେଉଛେ ଆଲୋକ୍ ଆର୍ ଆନନ୍ଦ୍‌ର ପରବ୍ ଦିଆଲି । ଶାସ୍ତ୍ର ଅନ୍‌ସାରେ ମାଁ ଲକ୍ଷ୍ମୀ ଆଏଜ୍ ପୁର୍‌ଥିକେ ବିଜେ କର୍‌ସନ୍ । ରାବଣ୍‌କେ ବଧ କଲା ଉତ୍‌ରୁ ରାମ୍ ମାହାପୁରୁ ଦିଆଲି ଦିନ ଅଯୋଧ୍ୟାକେ ଫିରିଥିବାର୍‌ନୁ ଦୀପ୍ ଜଲେଇକରି ତାହାକୁ ସ୍ୱାଗତ୍ କର୍‌ବାର୍ ପରମ୍ପରା ଚଲିଆସିଛେ । ଦିଆଲି ପରବ୍ ଅନ୍ଧାର୍ ଉପ୍‌ରେ ଆଲୋକର୍ ଜିତ୍ ଆର୍ ଶକ୍ତି ସାଙ୍ଗେ ଜ୍ଞାନ୍‌ର ଉପାସନାର୍ ବାର୍ତା ଦେସି । ଆଏଜ୍ ଦେବୀ କାଳୀଙ୍କର୍ ଭିଲ୍ ପୂଜା କରାଯାଏସି ।

ଦିଆଲି ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଜ୍ୟପାଲ୍ ଶ୍ରୀ କମ୍ଭମ୍‌ପାଟି ତାଙ୍କର୍ ବାର୍ତାଥି ଦିଆଲୀ ପରବ୍ ଆମର୍ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଆଉ ଆଧ୍ୟାତ୍ମିକତାର୍ ପ୍ରମୁଖ ଅଂଶ ଆଏ ବଲି କହିଛନ୍ ।

ସେନ୍ତା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ବାର୍ତାଥି ପବିତ୍ର ଦିଆଲୀ ସମ୍‌କର୍ ଜୀବନ୍‌ଥି ଜ୍ଞାନ୍‌ର ଉକିଆ ଭରିଦେଇକରି ସୁଖ୍, ଶାନ୍ତି ଆଉ ସମୃଦ୍ଧି ଆନିଦେଉ ବଲି କାମ୍‌ନା କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍‌ପତ୍ର ଜରିଏ ସାଧାରଣ୍ ଲୁକ୍‌କୁ ଜନେଇ ଦିଆଯିବା ।

ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ I&PR

ଭୁବ୍‌ନେଶ୍ୱର୍ ଗୋଠପାଟଣା ନ ରାଜସ୍ୱ ଅଧିକାରୀଙ୍କର୍ ପ୍ରଶିକ୍ଷଣ୍ ଅନୁଷ୍ଠାନ୍ ନ ହେଇଥିବା ୨ ଦିନିଆ କେନ୍ଦ୍ରାଂଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ୍‌ଥି ଯୋଗ୍ ଦେଇକରି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍, ହାଇଟେକ୍ ସର୍ଭେ କେ ନିର୍ଭୁଲ୍ ଭାବେ ଠିକ୍ ସମିଆ ଭିତ୍‌ରେ ସାର୍‌ବାର୍‌କେ ପଡ଼୍‌ବା, ହେଲେ ଯାଇକରି ଜମିଜମା ବ୍ୟବସ୍ଥା ଆଉ

ସମସ୍ୟାର୍ ସ୍ଥାୟୀ ସମାଧାନ୍ ହେଇପାର୍‌ବା ଆଉ ସାଧାରଣ୍ ଲୁକେ ଇତାର୍ ଲାଭ୍ ପାଇପାର୍‌ବେ । ସର୍‌କାର୍ ସବୁ ପଂଚାୟତ୍ ନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୁଲ୍‌ବାର୍ ଲାଗି ନିଷ୍ପତି ନେଇଥିବାର୍ ବେଲେ ସବୁ ପ୍ରକାରର୍ ଭିତିଭୂମିର୍ ଉନ୍ନତି କରାଯିବା । ଖାଲି ପଡ଼ିଥିବା ପଦ୍‌ବୀ ମାନ୍‌କୁ ପୂରଣ୍ କରାଯିବାର୍ ସହେତେ ଆଧୁନିକୀକରଣ୍ ଦିଗେ ଭିଲ୍ କାମ୍ କରାଯିବା । ଓଡ଼ିଶା ରାଜସ୍ୱ ବିଭାଗ୍‌କେ ଗୁଟେ ମୋଡ଼େଲ୍ ବନାବାର୍ ଲାଗି ସମସ୍ତେ କାମ୍ କର୍‌ବାର୍‌କେ କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ଥିବା ରାଜସ୍ୱ ଅଧିକାରୀମାନ୍‌କୁ ମନ୍ତ୍ରୀ ଶ୍ରୀ ପୂଜାରୀ ଆହ୍ୱାନ୍ ଦେଇଛନ୍ ।

ଟାସ୍କଫୋର୍ସ କମିଟି ବୈଠକ I&PR

ରାଏଜେ ଭିତିଭୂମି ଆଉ ଅଲ୍‌ଗା ପ୍ରମୁଖ ପ୍ରକଳ୍ପ ମାନ୍‌କର୍ କାମ୍‌ର ଅଗ୍ରଗତି ବାବ୍‌ଦେ ଉଚ୍ଚସ୍ତରୀୟ ୩ ନମ୍ବର୍ ଟାସ୍କଫୋର୍ସ କମିଟି ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍‌ଥି ଭିନ୍ ଭିନ୍ ସ୍ତର୍ ନ ସଂସ୍ଥାଗତ ବ୍ୟବସ୍ଥାକେ ଅଏତ୍‌କା ବର୍‌କସ୍ କରିକରି ପ୍ରକଳ୍ପ ପରିଚାଲନା ଆଉ କାମ୍‌କେ ତୁର୍‌ତି କର୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା । ବୈଠକ୍‌ଥି ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ

ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଭିନ୍ ଭିନ୍ ଜିଲ୍ଲାର୍ ଜିଲ୍ଲାପାଲ୍ମାନେ ଆଭାସୀ ଜରିଏ ବୈଠକ୍ଥି ଯୋଗ୍ ଦେଇଥିଲେ ।

ରାଜ୍ୟ ପୁଲିସ୍ ବୃତିଗତ ପ୍ରତିଯୋଗିତା I&PR

ଗଲା ୩ ଦିନ୍ ହେଲା ଚାଲିଥିବା ରାଜ୍ୟ ପୁଲିସ୍ ବୃତିଗତ ପ୍ରତିଯୋଗିତା ଗଲାକାଏଲ୍ କଟକ୍ ରିଜର୍ଭ ପୁଲିସ୍ ପଡ଼ିଆ ନ ଉଦ୍ଯାପିତ୍ ହେଇଯାଇଛେ । ଉଦ୍ଯାପନୀ ଉତ୍ସବ୍ଥି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପରେଡ୍ର ଅଭିବାଦନ୍ ଗ୍ରହଣ୍ କର୍ବାର୍ ସହେତେ କୃତୀ ପ୍ରତିଯୋଗୀମାନ୍କୁ ପୁରସ୍କୃତ୍ କରିଥିଲେ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଗୁଟେ ବିକଶିତ୍ ରାଷ୍ଟ୍ର ଆଉ ସମୃଦ୍ଧ ରାଜ୍ୟ ଗଢ଼୍ବାର୍ ସଂକଳ୍ପକେ ସାକାର୍ କର୍ବାର୍ଥି ପୁଲିସ୍ର ବହୁତ୍ ବଡ଼ ଭୂମିକା ରହିଛେ । ଆଏବା ଦିନେ ରାଜ୍ୟ ପୁଲିସ୍ ଅଏତ୍କା ଲୋକାଭିମୁଖୀ ହେଇକରି ରାଜ୍ୟର୍ ଲୁକ୍କୁ ନ୍ୟାୟଦେବାର୍ କ୍ଷେତ୍ରଥି ଭଲ୍ କାମ୍ କର୍ବା ବଲି ସେ ଆଶ୍ କରିଛନ୍ । ଉଦ୍ଯାପନୀ ଉତ୍ସବ୍ଥି ବହୁତ୍ ବରିଷ୍ଠ ପୁଲିସ୍ ଅଧିକାରୀ ଆଉ ଅବସରପ୍ରାପ୍ତ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଫାଷ୍ଟଟେଗ୍ ବଛର୍କିଆ ପାସ୍ ଆର୍ଏନ୍ୟୁ/ ସମ୍ବଲପୁର

ଦେଶେ ଫାଷ୍ଟଟେଗ୍ ବଛରକିଆ ପାସ୍ ବ୍ୟବସ୍ଥା ମୁଲ୍ ହେବାର୍ ୨ ମାସ୍ ଭିତ୍‌ରେ ୨୫ ଲାଖ୍ ଉପଭୋକ୍ତା ସାମିଲ୍ ହେଇଛନ୍ । ଗଲା ଅଗଷ୍ଟ ୧୫ ତାରିଖ୍‌ନୁ ମୁଲ୍ ହେଇଥିବା ଇ ବ୍ୟବସ୍ଥାଥି ରେକର୍ଡ଼ ପରିମାଣ୍ ୫ କୋଟି ୬୭ ଲାଖ୍ ଟଙ୍କା ସଂଗ୍ରହ କରାଯାଇଛେ । ଜାତୀୟ ରାଜ୍‌ପଥ୍ ବେଭାର୍ କାରୀଙ୍କର୍ ଯାତ୍ରାକେ ଇଟା ସୁଗମ୍ କର୍‌ବାର୍ ସହେତେ ଇତାର୍ ଚାହିଦା ବଢୁଛେ । ଦେଶର୍ ପାଖାପାଖି ୧ ହଜାର୍ ଶହେ ୫୦ ଟା ଟୋଲ୍ ପ୍ଲାଜାକେ ଇ ବ୍ୟବସ୍ଥାଥି ସାମିଲ୍ କରାଯାଇଛେ ।

ପୁରୀ-ସମଲେଇ ମନ୍ଦିର୍-ଦିଆଲି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ପବିତ୍ର ଦିଆଲି ଆଉ ପୟାଶ୍ରାଦ୍ଧ କରାଯିବା । ସିଂହଦୁଆର ପାଶେ ଶ୍ରଦ୍ଧାଳୁମାନେ କାଉଁରିଆ କାଠି ଜାଲିକରି ବଡ଼ବଡ଼ିଆ ଡକା କର୍‌ବେ । ଇ ଅବ୍‌ସରେ ଭକ୍ତମାନ୍‌କର୍ ଜବର୍ ଭିଡ଼୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ ।

ସେଆଡ଼େ ସମ୍ବଲ୍‌ପୁର୍ ଅଧିଷ୍ଠାତ୍ରୀ ଦେବୀ ମା ସମଲେଇ ମନ୍ଦିର୍ ନ ଆଏଜ୍ ଦିଆଲି ତିହାର୍ ପାଲନ୍ କର୍‌ବାର୍ ଲାଗି ନୀତି ନିର୍ଘଂଟ କରାଯାଇଛେ । ଇ ବଛର୍ ମନ୍ଦିର୍ ପରିସର୍ ନ ପାଖାପାଖି ୧୧ ହଜାର୍

ଦୀପ୍ ଜଲାବାର୍ ଲାଗି ମନ୍ଦିର୍ ଟ୍ରଷ୍ଟବୋର୍ଡ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ବେଲ୍‌ବୁଡ଼ର ୫ ନୁ ୭ ବଜେ ଭିତ୍‌ରେ ଇ ଦୀପୋତ୍ସବ୍ କରାଯିବା ବଲି ଟ୍ରଷ୍ଟବୋର୍ଡ୍ ସଭାପତି ସଞ୍ଜୟ ବାବୁ ସୂଚ୍‌ନା ଦେଇଛନ୍ ।

ମହିଲା ଫୁଟ୍‌ବଲ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

୩ ନମ୍ବର୍ ନନ୍ଦକିଶୋର୍ ପଟ୍ଟନାୟକ୍ ସ୍ମାରକୀ ରାଜ୍ୟସ୍ତରୀୟ ମହିଲା ଫୁଟ୍‌ବଲ୍ ପ୍ରତିଯୋଗିତା ଆଏବା ୨୫ ତାରିଖ୍‌ନୁ ମୁଲ୍ ହେବା । ଗଲାକାଏଲ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଟୁର୍ଣ୍ଣାମେଂଟ୍‌ର ଲୋଗୋ ଆର୍ ଟ୍ରଫିକେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉନ୍ମୋଚନ୍ କରିଥିଲେ । ଇ ଟୁର୍ଣ୍ଣାମେଂଟ୍ ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ସବୁଯାକର୍ ମେଚ୍ ଭୁବ୍‌ନେଶ୍ୱର୍ ଫୁଟ୍‌ବଲ୍ ଏକାଡେମୀ ନ ଖେଲାଯିବା । କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଜୟନାରାୟଣ୍ ମିଶ୍ର ଆଉ ବାବୁ ସିଂ ପ୍ରମୁଖ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି

ଆଏବା କାଏଲ୍‌ତକ୍ ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ଗୁରୁବାର୍‌ତକ୍ ଇଟା ଅବପାତ ହେବା । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି ସହେତେ ରାଜ୍ୟର୍ ୭ ଟା ଜିଲ୍ଲାର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ  ସତର୍କ ସୂଚ୍‌ନା ଜାରି କରାଯାଇଛେ ।